## ସଞ୍ଚୟର ଆବଶ୍ୟକତା କାହିଁକି ?



ଏମିତି ଜିନିଷ ଯାହା ନିୟମିତ ଆୟରୁ କିଣିବା ସମ୍ଭବ ନୁହେଁ



ଅପ୍ରତ୍ୟାଶିତ ଖର୍ଚ୍ଚ ଯଥା ଶାରୀରିକ ଅସୁସ୍ଥତା, ଦୂର୍ଘଟଣା, ମୃତ୍ୟୁ ଓ ଅନ୍ୟ ବିପତ୍ତିକୁ ସାମନା କରିବାକୁ ।



ବୃହତ୍ ଖର୍ଚ୍ଚ ଯଥା ନିଜର ଗୃହ କିଣା, ଉଚ୍ଚତର ଶିକ୍ଷାକୁ ଭରଣା କରିବାକୁ



ବୃଦ୍ଧାବସ୍ଥା ବା ବେରୋଜଗାରୀ ଅବସ୍ଥାରେ ନିଜର ଆବଶ୍ୟକତାକୁ ପୂରଣ କରିବାକୁ

## ବ୍ୟାଙ୍କରେ କାହିଁକି ସଞ୍ଚୟ କରିବା ?



### ସୁରକ୍ଷା-

ଘରେ, ବାକ୍ସରେ, ବିଛଣା ତଳେ ଅଥବା ମନିପର୍ସରେ ଟଙ୍କା ରଖିଲେ ଚୋରୀ ହୋଇଯାଇପାରେ ବା ନଷ୍ଟ ହୋଇଯାଇପାରେ । ଏହା ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା ଆଦିରେ ହଜି ଯାଇପାରେ । କିନ୍ତୁ ବ୍ୟାଙ୍କରେ ଗଚ୍ଛିତ ଟଙ୍କା ସୁରକ୍ଷିତ ।



### ବୃଦ୍ଧି-

ବ୍ୟାଙ୍କ ଖାତାରେ ଟଙ୍କା ରଖିଲେ ଆମକୁ ସୁଧ ମିଳେ । ଏହା ଆମ ଟଙ୍କାର ବୃଦ୍ଧିରେ ସାହାଯ୍ୟ କରେ । ଘରେ ଟଙ୍କା ରଖିଲେ ଏହାର ବୃଦ୍ଧି ଘଟେ ନାହିଁ ।



### ରଣ-

ଆମର ସଞ୍ଚୟ ଜମା, ସ୍ଥାୟୀ ଜମା, ରିକରିଂ ଜମା, ପରିପ୍ରେକ୍ଷୀରେ ବ୍ୟାଙ୍କ ଆମର ଆବଶ୍ୟକତା ଯଥା ଘର କିଣିବା, ଉଚ୍ଚଶିକ୍ଷା ଲାଭ କରିବା ଆଦି ପାଇଁ ରଣ ଦେଇପାରେ ।

# ନିଜ ଗ୍ରାହକଙ୍କୁ ଚିହ୍ନନ୍ତୁ (KYC)

୧
- ବ୍ୟାଙ୍କରେ ଆକାଉଣ୍ଟ ଖୋଲିଲା ବେଳେ ଗ୍ରାହକଙ୍କର ପରିଚୟ ଓ ଠିକଣାର ବିବରଣୀ ଜାଣିବାର ପ୍ରକ୍ରିୟାକୁ KYC କହନ୍ତି ।

୨
- ଔପଚାରିକ ରୂପେ KYC ଦଲିଲଗୁଡିକ ହେଲା- (କ) ପାଶପୋର୍ଟ (ଖ) ଡ୍ରାଇଭିଂ ଲାଇସେନ୍ସ (ଗ) ଭୋଟର ପରିଚୟ ପତ୍ର (ଘ) ପ୍ୟାନ କାର୍ଡ (ଙ) ଆଧାର କାର୍ଡ (ଚ) ନରେଗା (MNREGA) କାର୍ଡ

୩
- ଯଦି ଏହି ଦଲିଲ ଗୁଡିକରେ ବାସସ୍ଥାନର ବିବରଣୀ ଥିବ ତାହେଲେ ଠିକଣାର ପ୍ରମାଣ ରୂପେ ମଧ୍ୟ ଏହାକୁ ଗ୍ରହଣ କରାଯିବ ।



ପାଶପୋର୍ଟ



MNREGA



ଡ୍ରାଇଭିଂ ଲାଇସେନ୍ସ


ଫଟୋ



ଆଧାର କାର୍ଡ



ପ୍ୟାନ କାର୍ଡ



ଭୋଟର ପରିଚୟ ପତ୍ର

ଯଦି କୌଣସି ଔପଚାରିକ ଦଲିଲ ନାହିଁ

"କ୍ଷୁଦ୍ର ଆକାଉଣ୍ଟ" ନିଜର ଫଟୋ ଏବଂ ବ୍ୟାଙ୍କ ଅଧିକାରୀଙ୍କ ସମ୍ମୁଖରେ ନିଜର ସ୍ୱାକ୍ଷର ବା ଟିପ ଦେଇ କିଛି ସର୍ତ୍ତରେ ଖୋଲି ହେବ ।

ନାବାଳକ (Minor) ଆକାଉଣ୍ଟରେ ସାବାଳକ ହେଲେ ଅର୍ଥାତ୍ ୧୮ ବର୍ଷ ବୟସ ପୁରିଗଲେ ସଦ୍ୟ KYC ଦଲିଲ ଦାଖଲ କରିବାକୁ ପଡିବ ।

# ଆକାଉଣ୍ଟ ପ୍ରକାର ଭେଦ ।

## ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ

(Savings Account)

- ଆକାଉଣ୍ଟରୁ ଅର୍ଥ ଜମା ଓ ଉଠାଣ ସହଜ
- ପାଶ୍ ବହି, ଚେକ୍ ବହି ଏଟିମ-କମ୍ ଡେବିଟ କାର୍ଡ ପ୍ରଦାନ କରାଯାଇଥାଏ
- ଜମା ରାଶି ଉପରେ ସୁଧ ମିଳେ

## ଚଳନ୍ତି ଖାତା

(Current Account)

- କମ୍ପାନୀ ବା ଫାର୍ମ ନାମରେ ଚଳନ୍ତି ଖାତା ଖୋଲାଯାଏ ।
- କାରବାରରୁ ସଂଖ୍ୟାରେ ସୀମା ନାହିଁ ।
- ଏହି ଖାତାରେ ବ୍ୟାଙ୍କ ମାନେ ସୁଧ ଦିଅନ୍ତି ନାହିଁ ।

## ରିକରିଂ ଜମା ଖାତା

(Recurring Deposit Account)

- ନିୟମିତ ସମୟ ବ୍ୟବଧାନରେ ନିର୍ଦ୍ଦିଷ୍ଟ ଅବଧି ପାଇଁ ଟଙ୍କା ଜମା କରିବାକୁ ହେବ ।
- ରିକରିଂ ଖାତାରେ ସଞ୍ଚୟ ଖାତା ଅପେକ୍ଷା ଅଧିକ ସୁଧ ମିଳେ ।
- ଅବଧିର ସମାପ୍ତିରେ ବା ଅସମାପ୍ତିରେ ମଧ୍ୟ ଆକାଉଣ୍ଟ ବନ୍ଦ କରି ଅର୍ଥ ଉଠାଣ କରିପାରିବେ ।

## ସ୍ଥାୟୀ ଜମା / କାଳ ଜମା

(Term Deposit)

- ସ୍ଥାୟୀ ଜମାର ଅବଧି ସାତଦିନରୁ ୧୦ ବର୍ଷ ଯାଏ ।
- ଟର୍ମ ଜମାରେ ବ୍ୟାଙ୍କମାନେ ଅଧିକ ସୁଧ ପ୍ରଦାନ କରନ୍ତି
- ମାସିକ / ତ୍ରୈମାସିକ ସମୟ-ବ୍ୟବଧାନରେ ସୁଧର ଉଠାଣ କରାଯାଇପାରେ କିମ୍ୱା ପୁର୍ନଃବିନିଯୋଗ କରାଯାଇ ପାରେ

## କ୍ଷୁଦ୍ର ଆକାଉଣ୍ଟ

(Small Account)

ନିଜର ଫଟୋ ଏବଂ ବ୍ୟାଙ୍କ ଅଧିକାରୀଙ୍କ ସମ୍ମୁଖରେ ସ୍ୱାକ୍ଷର ବା ଟିପ ଚିହ୍ନ ଦେଇ "କ୍ଷୁଦ୍ର ଆକାଉଣ୍ଟ" ଖୋଲାଯାଇପାରେ । ଏହା ୧୨ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ । କୌଣସି ସମୟରେ ଆକାଉଣ୍ଟରେ ଜମାରାଶି ୫୦ ହଜାର ଟଙ୍କାରୁ ଅଧିକ ହେବ ନାହିଁ ।

## ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଖାତା (BSBD A/c)

- ସର୍ବନିମ୍ନ ଜମା ରାଶିର ଆବଶ୍ୟକତା ନାହିଁ
- ଡେବିଟ୍ କାର୍ଡର ସୁବିଧା
- ୧୦ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ବ୍ୟକ୍ତି ଏହି ଖାତା ଖୋଲି ପାରିବ ।

# ସେବା ସମୂହ

## ଅର୍ଥ ପ୍ରେରଣ

- ଆମ ଅର୍ଥକୁ ବ୍ୟାଙ୍କମାନେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଏବଂ ଜଣେ ବ୍ୟକ୍ତିଙ୍କ ଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଖକୁ ତୁରନ୍ତ, ସୁରକ୍ଷିତ ଓ ଦକ୍ଷତାର ସହିତ ପ୍ରେରଣ କରନ୍ତି ।
- ବ୍ୟାଙ୍କ ଶାଖାରେ, କ୍ଷୁଦ୍ର ଏଟିଏମ ଥିବା ବ୍ୟାଙ୍କ ମିତ୍ରଙ୍କ ପାଖରେ, ଇ□ନେଟ ବ୍ୟାଙ୍କିଙ୍ଗ୍, ମୋବାଇଲ ବ୍ୟାଙ୍କିଙ୍ଗ୍, NEFT / RTGS ମାଧ୍ୟମରେ କରାଯାଇପାରେ ।

## ମୋବାଇଲ ବ୍ୟାଙ୍କିଙ୍ଗ

- ଅର୍ଥପ୍ରେରଣ NEFT/ RTGS, IMPS & ବିଲ୍ ରାଶି ପ୍ରଦାନ ।

## ଏଟିଏମ୍ କାର୍ଡ

- ସମସ୍ତ ଏଟିଏମ୍‌ରେ ନଗଦ ଅର୍ଥ ଉଠାଣ ଏବଂ POS ମେସିନ୍‌ରେ କିଣାକିଣି ପାଇଁ ନଗଦ ରାଶି ହୀନ ଅର୍ଥ ପ୍ରଦାନ ପାଇଁ ଗ୍ରହଣ କରାଯାଏ ।)
- ଏଟିଏମ୍‌ରୁ ଅର୍ଥ ଉଠାଣ ସମୟରେ ବା POS କାରବାରରେ ବ୍ୟକ୍ତିଗତ ପରିଚୟ ସଂଖ୍ୟା (PIN) ବ୍ୟବହାର କରାଯାଏ ।
- ବାରମ୍ବାର କିଛି ସମୟ ବ୍ୟବଧାନରେ PIN କୁ ବଦଳାଇବେ ଏବଂ କେବେବି କାହାକୁ ତାହା ଜଣାଇବେ ନାହିଁ ।
- ନିରକ୍ଷର ଲୋକଙ୍କୁ ମଧ୍ୟ ଏଟିଏମ କାର୍ଡ ପ୍ରଦାନ କରାଯାଇପାରିବ ।
- ରୁପେ ଡେବିଟ୍ କାର୍ଡ ଏକ ସ୍ୱଦେଶୀ ନିଜସ୍ୱ ଡେବିଟ୍ କାର୍ଡ ଯାହା ନେସନାଲ ପେମେ□ କର୍ପୋରେସନ୍ ଅଫ୍ ଇଣ୍ଡିଆ (NPCI) ଦ୍ୱାରା ପ୍ରଚଳିତ । ଏଥିରେ ଏକ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସୁରକ୍ଷା ସ୍ୱତଃ ପ୍ରଦାନ କରାଯାଏ ।

## ଇ□ନେଟ୍ ବ୍ୟାଙ୍କିଂ

- ଇ□ନେଟ୍ ବ୍ୟାଙ୍କିଙ୍ଗ୍ ଏକ ଇଲେକ୍ଟ୍ରୋନିକ ପେମେ□ବ୍ୟବସ୍ଥା ।
- ଅର୍ଥ ପ୍ରେରଣ, ବିଲ ରାଶି ପ୍ରଦାନ, ଆକାଉ□ବିଷୟରେ ସୂଚନା, ଟିକଟ ବୁକିଂ, ଅନ ଲାଇନ୍ ସପିଙ୍ଗର ସୁବିଧା ପ୍ରଦାନ କରିଥାଏ ।

## ଋଣ

- ଘର କିଣିବା ପାଇଁ, କାର ଓ ଗୃହସାମଗ୍ରୀ କିଣିବାକୁ, ଉଚ୍ଚ ଶିକ୍ଷା ଆଦି ପାଇଁ ବ୍ୟାଙ୍କ ଋଣ ପ୍ରଦାନ କରେ ।
- କୃଷି, ବ୍ୟବସାୟ, କାରଖାନା ଏବଂ ସେବାକ୍ଷେତ୍ର ପରି ଆର୍ଥିକ କାର୍ଯ୍ୟକ୍ରମ ପାଇଁ ଋଣ ଦିଆଯାଏ ।
- ଜୁଆ ଆଦି ବେଆଇନ କାର୍ଯ୍ୟକଳାପ ପାଇଁ ଋଣ ପ୍ରଦାନ କରାଯାଏ ନାହିଁ ।
- ମହାଜନ ଋଣ-ତୁଳନାରେ ବ୍ୟାଙ୍କ ସୁଧର ହାର ଅତି ସ୍ୱଳ୍ପ ।

## ଓଭରଡ୍ରାଫ୍ଟ-

ଜମାଥିବା ରାଶି ଠାରୁ ଅଧିକ ଅର୍ଥ ଉଠାଣ ପାଇଁ ଅନୁମୋଦନ କରାଯାଏ ।

## ପେନ୍‌ସନ୍ -

ଅଟଳ ପେନସନ୍ ଯୋଜନା ମାଧ୍ୟମରେ ଟ. ୧୦୦୦ ଠାରୁ ଟ. ୫୦୦୦ (୧୮ ରୁ ୪୦ ବର୍ଷ) ପର୍ଯ୍ୟନ୍ତ ନିଶ୍ଚିତ ପେନସନ୍ ବ୍ୟବସ୍ଥା

# ପ୍ରଧାନ ମନ୍ତ୍ରୀ ଜନ ଧନ ଯୋଜନା

## ପ୍ରଧାନ ମନ୍ତ୍ରୀ ଜନ ଧନ ଯୋଜନା

- ପ୍ରଧାନ ମନ୍ତ୍ରୀ ଜନ ଧନ ଯୋଜନା (**PMJDY**) ମାନନୀୟ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ୨୮ ଅଗଷ୍ଟ ୨୦୧୪ରେ ଶୁଭାରମ୍ଭ କରାଯାଇଥିଲା ।
- ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରତି ପରିବାରକୁ ବ୍ୟାଙ୍କ ଆକାଉଣ୍ଟ ଖୋଲି ବ୍ୟାଙ୍କ ସେବାର ପରିସରଭୁକ୍ତ କରିବା ଏହି ଯୋଜନାର ଲକ୍ଷ୍ୟ ।
- ୧୦ ବର୍ଷରୁ ଉର୍ଦ୍ଧ୍ୱ ଜଣେ ନାବାଳକ/ନାବାଳିକା ତ'ାର ସଞ୍ଚୟ ଜମା ଖାତା ଯେ କୌଣସି ବ୍ୟାଙ୍କରେ ଖୋଲି ପାରିବ ।
- ରୁପେ ଡେବିଟ୍ କାର୍ଡ ଏକ ଲକ୍ଷ ଟଙ୍କାର ଦୂର୍ଘଟଣା ବୀମା ସ୍ୱତଃ ପ୍ରଦାନ କରିଥାଏ ଯାହାପାଇଁ କୌଣସି ପ୍ରକାର ଶୁଳ୍କ ପଡେ ନାହିଁ ।
- ଏହି ଦୂର୍ଘଟଣା ବୀମା ସୁରକ୍ଷା ପାଇବାକୁ ରୁପେ ଡେବିଟ୍ କାର୍ଡ ଅନ୍ତତଃ ୪୫ ଦିନରେ ଥରେ ବ୍ୟବହୃତ ହୋଇଥିବ ।
- ଛଅମାସ ସନ୍ତୋଷ ଜନକ କାରବାର କଲେ ପାଞ୍ଚହଜାର ଟଙ୍କା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟର ସୁବିଧା ଗୋଟିଏ ପରିବାରର କେବଳ ଜଣେ ଖାତାଧାରୀଙ୍କୁ ମିଳିପାରିବ ।

Pradhan Mantri Suraksha Bima Yojana

## ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

- ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (PMSBY), ଏକ ଦୂର୍ଘଟଣା ବୀମା ଯୋଜନା ଯାହା ଦୂର୍ଘଟଣା ଜନିତ ମୃତ୍ୟୁ ଅଥବା ପଙ୍ଗୁତ୍ୱ ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିଥାଏ ।
- ୧୮ରୁ ୭୦ ବର୍ଷ ବୟସର ସମସ୍ତ ସଞ୍ଚୟ ବ୍ୟାଙ୍କ ଖାତାଧାରୀ ଏହି ଯୋଜନାରେ ଯୋଗଦେବାକୁ ଯୋଗ୍ୟ ଯାହାର ପ୍ରିମିୟମ ବାର୍ଷିକ ଟ. ୧୨/- ଓ ଯାହାକୁ ପ୍ରତିବର୍ଷ ନବୀକରଣ କରାଯାଇପାରିବ ।

## ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା

- ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (**PMJJBY**), ଏକ ଜୀବନ ବୀମା ଯୋଜନା ଯାହା ଯେ କୌଣସି କାରଣରୁ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କାର ବୀମା ସୁରକ୍ଷା ଦେଇଥାଏ ।
- ବ୍ୟାଙ୍କ ଶାଖା ଓ ବ୍ୟାଙ୍କ ମିତ୍ରଙ୍କ ପାଖରେ ଏହା ଉପଲବ୍ଧ ।
- ୧୮ରୁ ୫୦ ବର୍ଷ ବୟସର ସମସ୍ତ ସଞ୍ଚୟ ବ୍ୟାଙ୍କ ଖାତାଧାରୀ ଏହି ଯୋଜନା ପାଇଁ ଯୋଗ୍ୟ ଅଟନ୍ତି ।
- ପ୍ରିମିୟମ ରାଶି ବର୍ଷକୁ ଜଣ ପିଛା ଟ.୩୩୦/- (ସର୍ଭିସ୍ ଟେକ୍ସକୁ ଛାଡି) ବର୍ଷକୁ ନବୀକରଣ କରାଯାଇ ପାରିବ ।

# ପ୍ରଧାନ ମନ୍ତ୍ରୀ ମୁଦ୍ରା ଯୋଜନା (PMMY)

- ମାନନୀୟ ପ୍ରଧାନ ମନ୍ତ୍ରୀ ତା. ୦୮.୦୪.୨୦୧୫ ରେ ଭାରତୀୟ କ୍ଷୁଦ୍ର ଶିଳ୍ପ ଉନ୍ନୟନ ବ୍ୟାଙ୍କ (SIDBI)ର ଏକ ସହାୟକ (Subsidiary) ସଂସ୍ଥା ରୂପେ ପ୍ରଧାନ ମନ୍ତ୍ରୀ ମୁଦ୍ରା ଯୋଜନା (PMMY)ର ଉଦ୍‌ଘାଟନ କରିଥିଲେ ।
- ଅଣ କମ୍ପାନୀ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ର (NCSBS) କୁ ଆର୍ଥିକ ସୁବିଧା ପହଞ୍ଚିବାର ପଥ ସୁଗମ କରିବାକୁ ।
- ପ୍ରଚଳିତ ବିତ୍ତ ବ୍ୟବସ୍ଥାରେ, ଆର୍ଥିକ ସହାୟତାରୁ ବଞ୍ଚିତ କ୍ଷୁଦ୍ର ଉତ୍ପାଦକ ସଂସ୍ଥା, ଦୋକାନୀ, ଫଳ / ପରିବା ବିକ୍ରେତା, ଟ୍ରକ ଓ ଟ୍ୟାକ୍ସି ପରିଚାଳକ, ଖାଦ୍ୟ ପରିବେଷଣ ସଂସ୍ଥା, ମରାମତି ଦୋକାନ, କ୍ଷୁଦ୍ର କାରଖାନା, ଶିଳ୍ପୀ / କାରିଗର, ଖାଦ୍ୟ ପଦାର୍ଥର ପ୍ରସ୍ତୁତକାରୀ, ବୁଲା ବିକାଳୀ ଏବଂ ଏହିପରି ଅନେକ ଲୋକଙ୍କର ଉନ୍ନତି ଓ ବ୍ୟାଙ୍କ ଋଣ ପ୍ରାପ୍ତି ନିଶ୍ଚିତ କରିବାକୁ ।

## ମୁଦ୍ରା କଳ୍ପନା (MUDRA VISION)

ବିଶ୍ୱ ବିତ୍ତ ପିରାମିଡର ତଳସ୍ତର ଲୋକଙ୍କର ସମନ୍ୱିତ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ବିଶ୍ୱ ସ୍ତରୀୟ ଶ୍ରେଷ୍ଠ ଅଭ୍ୟାସ ଏବଂ ମାନଦଣ୍ଡର ପ୍ରୟୋଗ କରି ସମ୍ପୂର୍ଣ୍ଣ ଆର୍ଥିକ ଓ ସହଯୋଗ ସେବା ପ୍ରଦାନକାରୀ ଅନୁଷ୍ଠାନ ହେବା ପାଇଁ ।

## ମୁଦ୍ରା ଅଭିଯାନ (MUDRA MISSION)

ମୂଲ୍ୟବୋଧ ଆଧାରିତ ଏକ ଉଦ୍ୟୋଗୀ ସଂସ୍କୃତି, ଆମର ଅଂଶୀଦାର ସଂସ୍ଥା ମାନଙ୍କର ସହାୟତାରେ ଏକ ସମ୍ପୂର୍ଣ୍ଣ ଦୀର୍ଘସ୍ଥାୟୀ ବିତ୍ତ ସଫଳତା ଓ ଆର୍ଥିକ ସୁରକ୍ଷାର ବ୍ୟବସ୍ଥା ।

## ମୁଦ୍ରା ଲକ୍ଷ୍ୟ (MUDRA PURPOSE)

ଏକ ସ୍ୱୟଂ ସମ୍ପୂର୍ଣ୍ଣ ଚିରସ୍ଥାୟୀ ଅଭିବୃଦ୍ଧି ହାସଲ ପାଇଁ ସମସ୍ତ ସମଭାଗୀ ଅନୁଷ୍ଠାନକୁ ସହଯୋଗ ଓ ସମର୍ଥନ ପ୍ରଦାନ କରି ଅଣୁ ଉଦ୍ୟୋଗ କ୍ଷେତ୍ରର ବୃଦ୍ଧି ପାଇଁ ଏକ ଅର୍ଥ ବ୍ୟବସ୍ଥାର ସ୍ଥାପନ କରିବା ଆମର ଲକ୍ଷ୍ୟ ।

ପ୍ରଶ୍ନ- ଆପଣ ଜାଣିଛନ୍ତି କି ବୈଷୟିକ ସ୍ନାତକ (Technical Graduates) ମାନେ ମଧ୍ୟ ମୁଦ୍ରା (MUDRA) ଯୋଜନା ଅନ୍ତର୍ଗତ ଋଣ ପାଇପାରିବେ ?

ଉତ୍ତର- ବ୍ୟବସାୟର ପ୍ରକାରଭେଦ ଏବଂ ଯୋଜନାର ଆବଶ୍ୟକତା ଉପରେ ନିର୍ଭର କରି ଆପଣ ମୁଦ୍ରାର ମାଧ୍ୟମ ଅନୁଷ୍ଠାନରୁ ନିୟମ ଅନୁଯାୟୀ ଋଣ ପାଇପାରିବେ ।

# ଋଣର ପ୍ରକାର ଭେଦ

| ଶିଶୁ | କିଶୋର | ତରୁଣ |
|---|---|---|
| ଟ.୫୦,୦୦୦/- ପର୍ଯ୍ୟନ୍ତ | ଟ.୫୦,୦୦୦ – ରୁ ୫ ଲକ୍ଷ ପର୍ଯ୍ୟନ୍ତ | ଟ.୫ ଲକ୍ଷରୁ – ୧୦ ଲକ୍ଷ ପର୍ଯ୍ୟନ୍ତ |

ପାର୍ଶ୍ୱିକ ବନ୍ଧକ (Collateral Security)ବିବର୍ଜିତ

ଶିଶୁ ଋଣ ପାଇଁ ପ୍ରସେସିଂ ଫି ଓ ମାର୍ଜିନ ମନି (Margin Money) ରହିତ







ଅଣକୃଷି କ୍ଷେତ୍ରରୁ ଅର୍ଥ ଉପାର୍ଜନ କାର୍ଯ୍ୟକ୍ରମ ଯଥା -ଉତ୍ପାଦନ, ପ୍ରସେସିଂ, ବ୍ୟବସାୟ ଓ ସେବା ପ୍ରଦାନ କ୍ଷେତ୍ରରେ କାରବାରର ଯୋଜନା ରଖିଥିବା କୌଣସି ଭାରତୀୟ ନାଗରିକ ଯାହାଙ୍କର ଋଣ ଆବଶ୍ୟକତା ଟ. ୧୦ ଲକ୍ଷରୁ କମ୍

ମୁଦ୍ରାକାର୍ଡ ଏକ ରୂପେ ଡେବିଟ କାର୍ଡ ଯାହା ଓଭରଡ୍ରାଫ୍ଟ ରୂପରେ କାର୍ଯ୍ୟକାରୀ ପୁଞ୍ଜି (Working Capital) ପ୍ରଦାନ କରିଥାଏ। ଏହା ATM ବ୍ୟାଙ୍କ ମିତ୍ର ଓ POS ମାଧ୍ୟମରେ ବ୍ୟବହାର କରାଯାଇ ପାରିବ।

## PMMY ର ସୁବିଧା କେମିତି ହାସଲ କରିବେ ?



ଋଣ କର୍ତ୍ତା

ସଠିକ୍ ବ୍ୟବସାୟିକ ପରିକଳ୍ପନା

ଋଣ ଦରଖାସ୍ତ




ସରକାରୀ / ବେସରକାରୀ ବାଣିଜ୍ୟିକ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ ବା ସମବାୟ ବ୍ୟାଙ୍କ



ଋଣ ଦରଖାସ୍ତର ସଠିକ୍ ପ୍ରସେସିଂ



ଋଣ ଡକ୍ୟୁମେଣ୍ଟ ସମ୍ପାଦନ

ଋଣ ମଞ୍ଜୁର / ପ୍ରଦାନ

ଅଧିକ ବିସ୍ତାରିତ ବିବରଣୀ ପାଇଁ ନିକଟସ୍ଥ ବ୍ୟାଙ୍କ ଶାଖାକୁ ପରିଦର୍ଶନ କରନ୍ତୁ ବା www.mudra.org.in ରେ *Log on* କରନ୍ତୁ।